# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**28 June - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

ମୁଖ୍ୟ ସମ୍ବାଦ

---

---

- ନିଟ୍ ୟୁଜି ପ୍ରବେଶିକା ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭା ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ।

– ଜାତୀୟ ପରୀକ୍ଷଣ ସଂସ୍ଥାନ-ଏନ୍‌ଟିଏ ରେ ସଂସ୍କାର ଆଣିବା ପାଇଁ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ଠାରୁ ମତାମତ ଲୋଡ଼ିଲା ଶିକ୍ଷା ମନ୍ତ୍ରଣାଳୟ ।

- ଜଳସଂରକ୍ଷଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ **କ୍ୟାଚ୍ ଦ ରେନ୍** ଅଭିଯାନ ଆରମ୍ଭ ।

- ପୁରୀ ଶ୍ରୀମନ୍ଦିରରେ ଜ୍ୱରରେ ପୀଡ଼ିତ ଶ୍ରୀଜୀଉମାନଙ୍କର ମଧ୍ୟାହ୍ନ ଧୂପ ପରେ ଆଜି ହେବ ଓଷ ଲାଗି ।

ଏବଂ

● ରାଜ୍ୟରେ ମୌସୁମୀ ସକ୍ରିୟ । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ଲାଗି ରହିବ ବର୍ଷା ।

## ସଂସଦ ଅଧିବେଶନ

ସର୍ବ ଭାରତୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷା-ନିଟ୍ ୟୁଜିରେ ହୋଇଥିବା ଅନିୟମିତତା ଉପରେ ଆଲୋଚନା ନେଇ ବିରୋଧୀଦଳ ଗୁଡ଼ିକ ପକ୍ଷରୁ ଲୋକସଭାରେ ବିରୋଧ ପ୍ରଦର୍ଶନ ହେବାରୁ ବାଚସ୍ପତି ଓମ୍ ବିର୍ଲା ଆଜି ଦିନକ ପାଇଁ ଅଧିବେଶନକୁ ସ୍ଥଗିତ ରଖିଛନ୍ତି । ଗୃହକାର୍ଯ୍ୟକୁ ପ୍ରଥମେ ଦିନ ୧୨ଟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ଗୃହକାର୍ଯ୍ୟ ପୁଣି ଆରମ୍ଭ ହେବା ପରେ ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ବାଚସ୍ପତି ଗୃହକୁ ଆସନ୍ତା କାଲି ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି । ବାଚସ୍ପତି ଓମ୍ ବିର୍ଲା କହିଥିଲେ ନିଟ୍ ୟୁଜି ପରୀକ୍ଷା ବିବାଦ ଉପରେ ବିଚାର ଲାଗି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସଂସଦକୁ ଚାଲିବାକୁ ନ ଦେବା ଗଣତନ୍ତ୍ର ପାଇଁ ଶୁଭ ନୁହେଁ ବୋଲି ବାଚସ୍ପତି କହିଛନ୍ତି ।

ନିଟ୍ ବିବାଦ ଉପରେ ବିରୋଧୀଙ୍କ ଆଲୋଚନା ଦାବିକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ପ୍ରତ୍ୟାଖ୍ୟାନ କରି କହିଥିଲେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ କୌଣସି ଆଲୋଚନା ସମୟରେ ଅନ୍ୟ କୌଣସି ପ୍ରସଙ୍ଗରେ ଆଲୋଚନା ହେବାର ପରମ୍ପରା ନାହିଁ । ଏହି ପ୍ରସଙ୍ଗରେ ଶ୍ରୀ

ରିଜିଜୁ କଂଗ୍ରେସ ସମେତ ଅନ୍ୟ ବିରୋଧୀଦଳ ଗୁଡ଼ିକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ସରକାର ଯେକୌଣସି ଆଲୋଚନାର ଉତ୍ତର ଦେବା ପାଇଁ ପ୍ରସ୍ତୁତ ଅଛନ୍ତି । ତେବେ ବିରୋଧୀ ସଦସ୍ୟଙ୍କ ପ୍ରଦର୍ଶନ ବଢ଼ିବାରୁ ବାଚସ୍ପତି ଆଜି ଦିନକ ପାଇଁ ଲୋକସଭାକୁ ମୁଲତବୀ ଘୋଷଣା କରିଥିଲେ ।

ରାଜ୍ୟସଭାରେ ମଧ୍ୟ ଏହି ପ୍ରସଙ୍ଗ ନେଇ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ହେଲେ ଅପରାହ୍ନରେ ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଲୋଚନା ଚାଲିଛି ।

# ଏନ୍‌ଟିଏ କମିଟି

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏରେ ସଂସ୍କାର ଆଣିବା ପାଇଁ ସୁପାରିଶ କରିବାକୁ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠିତ ବିଶେଷଜ୍ଞ କମିଟି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ଠାରୁ ପ୍ରସ୍ତାବ ଲୋଡ଼ିଛନ୍ତି । ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ.ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି **ମାଇଁ ଗଭ୍** ୱେବ୍‌ସାଇଟ୍ ଜରିଆରେ ପ୍ରସ୍ତାବ ଏବଂ ମତାମତ ଗ୍ରହଣ କରିବେ । ଆସନ୍ତା ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ସେମାନେ ମତାମତ ପଠାଇ ପାରିବେ । ଆସନ୍ତା ୨ମାସ ମଧ୍ୟରେ କମିଟି' ଶିକ୍ଷା ମନ୍ତ୍ରଣାଳୟକୁ ଏନ୍‌ଟିଏରେ ସଂସ୍କାର ସମେତ ପରୀକ୍ଷା ପରିଚାଳନା ପ୍ରକ୍ରିୟା ଓ ଡାଟା ସୁରକ୍ଷା ସଂପର୍କିତ ରିପୋର୍ଟ ପ୍ରଦାନ କରିବ ।

## ଜଳ ସଂରକ୍ଷଣ କାର୍ଯ୍ୟକ୍ରମ

ଜଳ ସଂରକ୍ଷଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲକ୍ଷ୍ୟରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ 'କ୍ୟାଚ୍ ଦ ରେନ୍' ଅଭିଯାନ -୨୦୨୪ର ଶୁଭାରମ୍ଭ କରାଯାଇଛି । ଏହି ଅଭିଯାନ ଆସନ୍ତା ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତଥର ଏହାର ବିଷୟବସ୍ତୁ ରହିଛି 'ନାରୀ ଶକ୍ତିରେ ଜଳ ଶକ୍ତି'। ଏଥିରେ ମହିଳାଙ୍କ ଭାଗିଦାରୀ ମଜଭୁତ କରାଯାଇ ଜଳ ପରିଚାଳନା ଏବଂ ସଂରକ୍ଷଣ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ରାଜ୍ୟ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ଜଳାଶୟ ଗୁଡ଼ିକର ସଫେଇ, ଅଚଳ କାମ କରୁନଥିବା ବୋରୱେଲ କାର୍ଯ୍ୟକ୍ଷମ କରିବା, ଜଳାଶୟ ଗୁଡ଼ିକୁ ଜିଓ ଟ୍ୟାଗିଂ କରିବା, ଜଳଉତ୍ସ ଚର୍ତୁଃପାର୍ଶ୍ୱ ଅଞ୍ଚଳରେ ବନୀକରଣ  ଏବଂ ଛୋଟଛୋଟ ନଦୀ ଗୁଡ଼ିକର ପୁର୍ନରୁଦ୍ଧାର ପାଇଁ ପଦକ୍ଷେପ ନେବାଲାଗି ଶ୍ରୀମତୀ ଗର୍ଗ ଚିଠିରେ କହିଛନ୍ତି ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ସମ୍ବଲପୁର ଗସ୍ତ କରି ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ପରେ ସହରରେ ଦେଖାଦେଇଥିବା ଜଣ୍ଡିସ ଆକ୍ରାନ୍ତ ବିଷୟରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଜଣ୍ଡିସ ବ୍ୟାପିଥିବା ଅଞ୍ଚଳ ଗୁଡ଼ିକରେ ପାଣିପାଇପ୍ ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟଏକ ପ୍ରସଙ୍ଗରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଅନୁଗୁଳରେ ଚକ୍ଷୁ

ଅସ୍ତ୍ରୋପଚାର ତ୍ରୁଟି ଘଟଣାର ତଦନ୍ତ କରାଯିବ । ରାୟଗଡାରେ ବ୍ୟାପିଥିବା ଡିଥେରିଆ ରୋଗ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ଡିପ୍‌ଥେରିଆ ବ୍ୟାପୁଥିବା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ କରାଯିବ ଏବଂ ଟୀକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି ।

## କନିଷ୍ଠ ମହାବିଦ୍ୟାଳୟ ଆସନ ବୃଦ୍ଧି

ଗଣଶିକ୍ଷା ବିଭାଗ ଅଧୀନରେ ଥିବା ମୋଟ୍ ୮୦ଟି ଯୁକ୍ତ ୨ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରୁ ସିଟ୍ ବୃଦ୍ଧି କରିବା ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ୩୬ଟି କନିଷ୍ଠ ମହାବିଦ୍ୟାଳୟରେ କଳା, ବାଣିଜ୍ୟ ଓ ବିଜ୍ଞାନ  ବିଭାଗ ଖୋଲିବାକୁ ଅନୁମତି ଦିଆଯାଇଛି । ଏହି ମହାବିଦ୍ୟାଳୟ ଗୁଡ଼ିକରେ ନୂଆ ପାଠ୍ୟକ୍ରମ ଖୋଲିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି ।

## ଅମରନାଥ ଯାତ୍ରା

ଚଳିତବର୍ଷର ଅମରନାଥ ଯାତ୍ରା ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ପ୍ରଭୁ ଶ୍ରୀ ଅମରନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନଙ୍କର ଜାମ୍ମୁ ଜିଲ୍ଲାର ଭଗବତୀ ନଗର ବେସ୍‌କ୍ୟାମ୍ପଠାରେ ଗତକାଲିଠାରୁ ପଞ୍ଜିକରଣ ଚାଲିଛି । ଦକ୍ଷିଣ କାଶ୍ମୀର ହିମାଳୟର ୩ହଜାର ୮୮୦ମିଟର ଉଚ୍ଚତାରେ ଅବସ୍ଥିତ ଅମରନାଥ ଗୁମ୍ଫା ମନ୍ଦିରର ପବିତ୍ର ଲିଙ୍ଗକୁ ଦର୍ଶନ କରିବା ପାଇଁ ଏକହାଜର ୬୦୦ ଯାତ୍ରୀ ପଞ୍ଜିକରଣ କରିଛନ୍ତି । ଆସନ୍ତାକାଲିଠାରୁ ୫୨ଦିନ ଧରି ଅମରନାଥଜୀଙ୍କ ଯାତ୍ରା ଚାଲିବ ।

## ପ୍ରାଥମିକ ସ୍କୁଲ ସୁବିଧା ସାର୍ବଜନୀନ

ରାଜ୍ୟର ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ରହିଥିବା ମୌଳିକ ସୁବିଧାଗୁଡ଼ିକର ତଥ୍ୟ ସର୍ବସାଧାରଣଙ୍କୁ ଜଣାଇବା ନିମନ୍ତେ ଓଡ଼ିଶା ହାଇକୋର୍ଟ କହିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣସିଂହ ଓ ଜଷ୍ଟିସ ସାବିତ୍ରୀ ରଥୋଙ୍କ ଖଣ୍ଡପୀଠ ଏକ ଜନସ୍ୱାର୍ଥ ମାମଲାର ବିଚାର କରି ଆସନ୍ତା ୬ ସପ୍ତାହ ମଧ୍ୟରେ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍‌ରେ ସ୍କୁଲ ସମ୍ପର୍କିତ ସମସ୍ତ ତଥ୍ୟ ରଖିବାକୁ କହିଛନ୍ତି । ଆସନ୍ତା ଅଗଷ୍ଟ ମାସ ୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି ।

## ଶ୍ରୀଜୀଉ-ଓଷ ଲାଗି

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଅଣସର ଘରେ ଦଇତାପତି ସେବକମାନେ ଜ୍ୱର ଲାଘବ ପାଇଁ ଗୁପ୍ତସେବାରେ ଲାଗିଛନ୍ତି । ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଗତକାଲି ଫୁଲୁରୀତେଲ ଲାଗି କରାଯାଇଛି । ଆଜିଠାରୁ ମହାପ୍ରଭୁଙ୍କ ଠାରେ ଓଷ ଲାଗି କରାଯିବ । ମଧ୍ୟାହ୍ନ ଧୂପ ପରେ ଶୁଦ୍ଧ ସୁଆରମାନେ ଝୁଣା, ତେଲ ଓ ବିଭିନ୍ନ ଚେରମୂଳିରେ ପ୍ରସ୍ତୁତ କରିଥିବା ଓଷ କୁ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇବେ । ଏହି ନୀତି ଆସନ୍ତା ୩ ଦିନ ଧରି ଜାରି ରହିବ । ଦଶମୀ ଦିନ ରାଜବୈଦ୍ୟଙ୍କ ଦ୍ୱାରାପ୍ରସ୍ତୁତ ଦଶମୂଳ ମୋଦକ ଖାଇବା ପରେ ଶ୍ରୀଜୀଉମାନେ ସଂପୂର୍ଣ୍ଣ ସୁସ୍ଥ ହେବେ ବୋଲି ଜଣାପଡ଼ିଛି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୧ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ପ୍ରଥମ ମନ୍ କି ବାତ୍ କାର୍ଯ୍ୟକ୍ରମ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ୧୪୪ ଧାରା

ଢ଼େଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ଅଧୀନରେ ଥିବା ପଥର ଖଣି ଖାଦାନ ଗୁଡ଼ିକରୁ ବେଆଇନ ଚୋରା ଚାଲାଣ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି । ଜିଲ୍ଲା ପ୍ରଶାସନକୁ ଏ ସଂପର୍କରେ ଅଭିଯୋଗ ମିଳିବା ପରେ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ମନ୍ତ୍ରୀ-ସମୀକ୍ଷା

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମାଲକାନଗିରି ଜିଲ୍ଲା ଗସ୍ତ କରି କାଲିମେଲା ଧାନମଣ୍ଡି ବୁଲି ଦେଖିବା ସହ ଚାଷୀଙ୍କ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ମାଲକାନଗିରି ଠାରେ ଆୟୋଜିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ଲୋକମାନଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ କହିଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର  ଜିଲ୍ଲାର ଖାଦ୍ୟ ଯୋଗାଣ ବିଭାଗର ବିଭିନ୍ନ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଛନ୍ତି ।

## ପାଣିପାଗ

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ  ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।  ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୯ଟି ଜିଲ୍ଲାରେ ଘଡ଼ଘଡ଼ି ସହିତ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି ।